# NATIONAL NEWS BULLETIN (ODIA)

## 10th July - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ଭାରତ-ଅଷ୍ଟ୍ରିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମିଳିତ ବାଣିଜ୍ୟିକ ବୈଠକକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅଷ୍ଟ୍ରିଆ ଚାନ୍‌ସେଲର୍ କାର୍ଲ ନେହାମ୍ମର ।

- ଦେଶରେ ଡେଙ୍ଗୁ ନିୟନ୍ତ୍ରଣ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡାଙ୍କ ସମୀକ୍ଷା ।

- ପ୍ରତିଯୋଗିତା ପରୀକ୍ଷାରେ ହେଉଥିବା ଅନିୟମିତତାକୁ ଦୂର କରିବା ଲାଗି ମହାରାଷ୍ଟ୍ର ବିଧାନସଭାରେ "ପ୍ରତିଯୋଗିତା ପରୀକ୍ଷା (ଅନିୟମିତତା ନିବାରଣ) ଆଇନ, ୨୦୨୪" ଗୃହୀତ ।

- ରାଷ୍ଟ୍ରପତି ଭବନରେ ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟ-୨୦୨୪ର ଟ୍ରଫିକୁ ଉନ୍ମୋଚନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ଏବଂ

- ଭାରତ-ଜିମ୍ବାୱେ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍‌ର ତୃତୀୟ ମ୍ୟାଚ୍‌ରେ ଜିମ୍ବାୱେ ସମ୍ମୁଖରେ ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ।

## ପି.ଏମ୍. - ଅଷ୍ଟ୍ରିଆ ବିଜିନେସ୍ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅଷ୍ଟ୍ରିଆ ଚାନ୍‌ସେଲ୍‌ର କାର୍ଲ ନେହାମ୍ମର ଭିଏନାର ହଫବର୍ଗ ପ୍ୟାଲେସ୍‌ଠାରେ ଆଜି ଭାରତ ଓ ଅଷ୍ଟ୍ରିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମିଳିତ ବାଣିଜ୍ୟିକ ବୈଠକକୁ ସମ୍ବୋଧନ କରିଛନ୍ତି । ଭାରତ ଓ ଅଷ୍ଟ୍ରିଆ ମଧ୍ୟରେ ବାଣିଜ୍ୟିକ ସମନ୍ୱୟ ବୃଦ୍ଧି ଦିଗରେ ଭିତ୍ତିଭୂମି, ନବୀକରଣ ଶକ୍ତି, ସବୁଜ କ୍ଷେତ୍ର, ନୂତନ ଓ ଅତ୍ୟାଧୁନିକ ପ୍ରଯୁକ୍ତି, ଫିନ୍‌ଟେକ୍, ଷ୍ଟାର୍ଟ-ଅପ୍ ଆଦି କମ୍ପାନୀ ପ୍ରମୁଖ ଭୂମିକା ଗ୍ରହଣ କରିପାରୁଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ଏହି ଅବସରରେ ଭାରତରେ ପୁଞ୍ଜିନିବେଶ କରିବା ଲାଗି ଅଷ୍ଟ୍ରିଆର କମ୍ପାନୀଗୁଡ଼ିକୁ ସେ ଆମନ୍ତ୍ରଣ କରିଛନ୍ତି ।

# ନଡ୍ଡା - ଡେଙ୍ଗୁ ରିଭ୍ୟୁ ମିଟ୍

ଦେଶରେ ଡେଙ୍ଗୁକୁ ନିୟନ୍ତ୍ରଣ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଡେଙ୍ଗୁ ନିରାକରଣ ଦିଗରେ ରାଜ୍ୟ ସରକାରଗୁଡ଼ିକ ସହ ଯୋଗାଯୋଗ ରକ୍ଷା କରାଯାଇ ମନ୍ତ୍ରଣାଳୟ ପକ୍ଷରୁ ଯୋଜନାମାନ ପ୍ରସ୍ତୁତ କରାଯାଉଛି । ଖୁବ୍ ଶୀଘ୍ର ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ୨୪ ଘଣ୍ଟିଆ ଡେଙ୍ଗୁ ହେଲ୍‌ପ୍‌ଲାଇନ୍ ନମ୍ବର ଜାରି କରିବ । ଏଥିସହିତ ରାଜ୍ୟଗୁଡ଼ିକ ୪ରୁ ୫ ଦିନ ମଧ୍ୟରେ ଡେଙ୍ଗୁ ହେଲ୍‌ପ୍‌ଲାଇନ୍ ନମ୍ବର ଜାରି କରିବା ଲାଗି ପରାମର୍ଶ ଦେଇଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଶିକ୍ଷା ଏବଂ ଗୃହ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ସହ ସମନ୍ୱୟ ରକ୍ଷା କରାଯାଇ ଆନ୍ତଃକ୍ଷେତ୍ର ଓ ଆନ୍ତଃ ବିଭାଗୀୟ ବୈଠକମାନ ଆୟୋଜନ କରାଯିବ । ଏଥିସହିତ କେନ୍ଦ୍ରୀୟ ହସ୍ପିଟାଲ୍‌ରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ଼ ବ୍ୟବସ୍ଥା କରାଯିବା ସହ ବିଦ୍ୟାଳୟପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରସ୍ତୁତ କରିବା ସକାଶେ ରାଜ୍ୟଗୁଡ଼ିକ ସତର୍କ ରହିବା ଲାଗି ଶ୍ରୀ ନଡ୍ଡା ନିର୍ଦ୍ଦେଶ ଦେଇଛନ୍ତି ।

## ଦୁବାଇ-ଇଣ୍ଡିଆ - ଜି.ସି.ସି.

ଦୁବାଇଠାରେ ଆଜି ଚତୁର୍ଥ ଭାରତ-ଉପସାଗରୀୟ ସହଯୋଗ ପରିଷଦ - ଜି.ସି.ସି. ଖାଦ୍ୟ ଓ ପାନୀୟ କ୍ରେତା-ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଭାରତର ବାଣିଜ୍ୟ ପ୍ରଚାର ପରିଷଦଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି, ଜି.ସି.ସି. ବଜାରରେ ଭାରତୀୟ ସାମଗ୍ରୀର ପ୍ରଦର୍ଶନ ସହ ବାଣିଜ୍ୟିକ ସମ୍ପର୍କକୁ ତ୍ୱରାନ୍ୱିତ କରିବା । ଚଳିତ ବର୍ଷ ସମ୍ମିଳନୀରେ ୩୬ଟି ଭାରତୀୟ କମ୍ପାନୀ ଏବଂ ଜି.ସି.ସି. ରାଷ୍ଟ୍ରସମୂହର ୧୭୦ କ୍ରେତା ଭାଗ ନେଇଛନ୍ତି । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ୍ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି ।

## ବି.ଜେ.ପି. - ଏସ୍.ସି. ମୁସ୍‌ଲିମ୍ ୱିମେନ୍

ଛାଡ଼ପତ୍ର ପାଇଥିବା ମୁସଲ୍‌ମାନ ମହିଳାମାନେ ଏଣିକି ସେମାନଙ୍କ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇପାରିବେ ବୋଲି ସୁପ୍ରିମ୍‌କୋର୍ଟଙ୍କଦ୍ୱାରା ଦିଆଯାଇଥିବା ରାୟକୁ ବି.ଜେ.ପି. ପ୍ରଶଂସା କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଦଳ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ମୁସଲ୍‌ମାନ ମହିଳାମାନଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି ।

ଯେକୌଣସି ଧର୍ମ ନିର୍ବିଶେଷରେ ମହିଳାଙ୍କୁ ସମାନ ଅଧିକାର ଓ ସମ୍ମାନ ଦେବାରେ ଏହା ସହାୟକ ହୋଇପାରିବ । ୧୯୮୫ ମସିହାର ସାହା ବାନୋ ମାମଲାକୁ ଆଧାର କରି ସେ କହିଛନ୍ତି, କଂଗ୍ରେସ ସରକାର କ୍ଷମତାରେ ଥିବାବେଳେ ବିଭିନ୍ନ ଉପାୟରେ ସମ୍ବିଧାନକୁ ଆକ୍ଷେପ କରିଚାଲିଥିଲା । ସେ କହିଛନ୍ତି, ଶାହା ବାନୋ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅଣଦେଖା କରି କଂଗ୍ରେସ ସମ୍ବିଧାନକୁ ଅସମ୍ମାନ କରିଥିଲା ବୋଲି ଶ୍ରୀ ତ୍ରିବେଦୀ କହିଛନ୍ତି ।

## ୱେଷ୍ଟବେଙ୍ଗଲ - ସି.ବି.ଆଇ.

ରାଜ୍ୟ ସରକାରଙ୍କ ବିନା ସହମତିରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ସିବିଆଇ ତଦନ୍ତ ଆଇନ ସମ୍ମତ ନୁହେଁ ବୋଲି ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଆଗତ ମାମଲା ଉପରେ ସୁପ୍ରିମକୋର୍ଟ ଶୁଣାଣି ଆରମ୍ଭ କରିଛନ୍ତି । ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନର ପ୍ରାଥମିକ ଶୁଣାଣି କରି ଏହା ବିଚାରଯୋଗ୍ୟ ବୋଲି କହିଛନ୍ତି । ସମ୍ବିଧାନର ଧାରା-୧୩୧ ଅନୁଯାୟୀ ଏଭଳି ଆବେଦନ ବିଚାରଯୋଗ୍ୟ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ଯୁକ୍ତିକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଛନ୍ତି । ଖଣ୍ଡପୀଠ କହିଛନ୍ତି, କୌଣସି ଆବେଦନର ନିଷ୍ପତ୍ତି ଏହାର ଯୋଗ୍ୟତା ଆଧାରରେ

କରାଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ । ସୁପ୍ରିମକୋର୍ଟ ଆସନ୍ତା ମାସ ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ପଶ୍ଚିମବଙ୍ଗ ସରକାର ସେଠାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବା ସଂକ୍ରାନ୍ତ ସହମତିକୁ ପ୍ରତ୍ୟାହାର କରିନେଇଥିଲେ । ୧୯୪୬ ମସିହା ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ ଅନୁଯାୟୀ ରାଜ୍ୟ ସରକାର ସହମତି ପ୍ରତ୍ୟାହାର କରିଥିବାରୁ ସିବିଆଇ ରାଜ୍ୟରେ କୌଣସି ତଦନ୍ତ କରିପାରିବ ନାହିଁ ବୋଲି ପଶ୍ଚିମବଙ୍ଗ ସରକାର ତାଙ୍କ ଆବେଦନରେ ଦର୍ଶାଇଛନ୍ତି ।

## ମହା - ଆସେମ୍ବ୍ଲି ପାସେସ୍

ପ୍ରତିଯୋଗିତା ପରୀକ୍ଷାରେ ହେଉଥିବା ଅନିୟମିତତାକୁ ଦୂର କରିବା ଲାଗି ମହାରାଷ୍ଟ୍ର ବିଧାନସଭାରେ ଆଜି "ପ୍ରତିଯୋଗିତା ପରୀକ୍ଷା (ଅନିୟମିତତା ନିବାରଣ) ଆଇନ, ୨୦୨୪ ଗୃହୀତ ହୋଇଛି । ଅନିୟମିତତା କାର୍ଯ୍ୟ କରୁଥିବା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ୫ ବର୍ଷ ଯାଏ ଜେଲ୍‌ଦଣ୍ଡର ବ୍ୟବସ୍ଥା କରାଯାଇଛି । ମହାରାଷ୍ଟ୍ର ମନ୍ତ୍ରୀ ଶମ୍ଭୁରାଜେ ଦେଶାଇ ଗତମାସ ୨୮ ତାରିଖରେ ଏ ସଂକ୍ରାନ୍ତ ବିଲ୍‌କୁ ବିଧାନସଭାରେ ଉପସ୍ଥାପିତ କରିଥିଲେ । ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ଅନିୟମିତତାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡସ୍ୱରୂପ ୩ରୁ ୫ ବର୍ଷ ଯାଏ ଜେଲ୍‌ଦଣ୍ଡ ଏବଂ ୧୦ ଲକ୍ଷ

ଟଙ୍କା ପର୍ଯ୍ୟନ୍ତ ଜରିମାନା ଧାର୍ଯ୍ୟ କରାଯାଇଛି । ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିଲେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନର ବ୍ୟବସ୍ଥା ରହିଛି । ଏଥିସହିତ ସମ୍ପୃକ୍ତ ସଂସ୍ଥା ୪ ବର୍ଷ ପାଇଁ ପରୀକ୍ଷା ପରିଚାଳନା କରିବାରୁ ବଞ୍ଚିତ ହେବ ସହ ନିର୍ଦ୍ଦିଷ୍ଟ ପରୀକ୍ଷା ପାଇଁ ହୋଇଥିବା ସମସ୍ତ ଖର୍ଚ୍ଚ ବହନ କରିବେ ।

## କର୍ଣ୍ଣାଟକ - ବି.ଜେ.ପି. ଡିମାଣ୍ଡ୍

ମହୀଶୂର ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ - ଏମ୍.ୟୁ.ଡି.ଏ.ରେ ଜମି ଦୁର୍ନୀତି ଅଭିଯୋଗ ଆସିବା ପରେ କର୍ଣ୍ଣାଟକ ବି.ଜେ.ପି. ସଭାପତି ବି.ୱାଇ. ବିଜେନ୍ଦ୍ର ମୁଖ୍ୟମନ୍ତ୍ରୀ ସିଦ୍ଦରମେୟାଙ୍କ ଇସ୍ତଫା ଦାବି କରିଛନ୍ତି । ବେଙ୍ଗାଲୁରୁଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘଟଣାର ସି.ବି.ଆଇ. ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଆସନ୍ତା ଶୁକ୍ରବାର ମହୀଶୂରରେ ଏନେଇ ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି କହିଛନ୍ତି । ଏମ୍.ୟୁ.ଡି.ଏ. ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀଙ୍କୁ ୧୪ଟି ଘରଜମି ପ୍ଲଟ୍ ଆବଣ୍ଟନ କରି ନିୟମ ଉଲ୍ଲଙ୍ଘନ କରିଥିବା ବିଷୟ ସେ ପ୍ରକାଶ କରିଛନ୍ତି । ଏଥିସହିତ ସିଦ୍ଦରମେୟା ଏହିସବୁ ଜମି ତାଙ୍କ ପରିବାର ନାମରେ ଥିବା ନେଇ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରି ନ ଥିବାରୁ ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ବୋଲି ଶ୍ରୀ ବିଜେନ୍ଦ୍ର ଅଭିଯୋଗ କରିଛନ୍ତି ।

## ଆଇ.ଟି.ବି.ପି. - ଲଦାଖ୍

ଇଣ୍ଡୋ-ତିବତୀୟ ସୀମାନ୍ତ ପୁଲିସ୍ - ଆଇ.ଟି.ବି.ପି. ଆଜି ପୂର୍ବ ଲଦାଖ୍‌ର ସିରିଗାପୁଲ୍ ନିକଟରୁ ୧୦୮ ଖଣ୍ଡ ସୁନା ବିସ୍କୁଟ୍ ଜବତ କରିଛି, ଯାହାର ଓଜନ ୧୦୮ କିଲୋଗ୍ରାମ୍ ହେବ । ଆଇ.ଟି.ବି.ପି. ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ କୁହାଯାଇଛି, ୨୧ ବାଟାଲିୟନ୍‌ର ଡେପୁଟୀ କମାଣ୍ଡାଣ୍ଟ ଦୀପକ ଭଟ୍ଟ ତଲାସୀ ଅଭିଯାନରେ ଥିବାବେଳେ ସୁନା ବିସ୍କୁଟ୍ ଜବତ କରାଯାଇଛି । ଏହି ଘଟଣାରେ ଦୁଇ ଜଣ ସନ୍ଦିଗ୍ଧ ଧରାପଡ଼ିଥିବାବେଳେ ତଦନ୍ତ ଜାରି ରହିଛି ।

## ତେଲଙ୍ଗାନା - ଡ. ଜିତେନ୍ଦ୍ର ନିଯୁ ଡି.ଜି.ପି.

ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ଡକ୍ଟର ଜିତେନ୍ଦ୍ର ତେଲଙ୍ଗାନାର ନୂଆ ପୁଲିସ୍ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି । ଗୃହ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ଥିବା ଡକ୍ଟର ଜିତେନ୍ଦ୍ର ଭିଜିଲାନ୍ସ ଓ ପ୍ରବର୍ତ୍ତନର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଉଛନ୍ତି । ରାଜ୍ୟ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ ଡକ୍ଟର ଜିତେନ୍ଦ୍ରଙ୍କ ନୂତନ ନିଯୁକ୍ତି ନେଇ ବିଜ୍ଞପ୍ତି ଜାରି କରିଛନ୍ତି । ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିବା ପରେ ଜିତେନ୍ଦ୍ର ପ୍ରଥମ ପୁଲିସ

ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ସୂଚନାଯୋଗ୍ୟ ବର୍ତ୍ତମାନର ପୁଲିସ୍ ମହାନିର୍ଦ୍ଦେଶକ ରବି ଗୁପ୍ତାଙ୍କୁ ଗୃହ ବିଭାଗର ମୁଖ୍ୟ ସଚିବ ଭାବେ ନୂତନ ଦାୟିତ୍ୱ ଦିଆଯାଇଛି ।

## ପ୍ରେଜ୍ - ଡୁରାଣ୍ଡ ଟୁର୍ଣ୍ଣାମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟ-୨୦୨୪ର ଟ୍ରଫିକୁ ଉନ୍ମୋଚନ କରିଛନ୍ତି । ଡୁରାଣ୍ଡ କପ୍ ସହ ପ୍ରେସିଡେଣ୍ଟ କପ୍ ଓ ଶିମ୍ଲା ଟ୍ରଫିକୁ ମଧ୍ୟ ଶ୍ରୀମତୀ ମୁର୍ମୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଫୁଟ୍‌ବଲ୍ ହେଉଛି ବିଶ୍ୱରେ ଅନ୍ୟତମ ଲୋକପ୍ରିୟ ଖେଳ । ରାଷ୍ଟ୍ରପତି କହିଛନ୍ତି, ପଡ଼ିଆରେ ଫୁଟ୍‌ବଲ୍ ଖେଳାଳିମାନେ ସେମାନଙ୍କର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରୁଥିବାବେଳେ ହଜାର ହଜାର ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି ହୋଇଥାଏ । ୨୦୨୪ ଡୁରାଣ୍ଡ କପ୍‌ରେ ଅଂଶଗ୍ରହଣ କରୁଥିବା କ୍ରୀଡ଼ାବିତ୍‌ମାନଙ୍କୁ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଛନ୍ତି ।

# କ୍ରିକେଟ୍

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଚାଲିଥିବା ପାଞ୍ଚଟିକିଆ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ଜିମ୍ବାୱେର ହରାରେ ସ୍ପୋର୍ଟସ୍ କ୍ଲବ୍‌ଠାରେ ଖେଳାଯାଉଛି । ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଛି । ଅଧିନାୟକ ଶୁଭ୍‌ମନ୍ ଗିଲ୍ ୬୬ ରନ୍ ସଂଗ୍ରହ କରିଥିବାବେଳେ ଋତୁରାଜ ଗାଇକ୍ୱାଡ୍ ୪୯ ରନ୍ କରିଥିଲେ । ବର୍ତ୍ତମାନ ସୁଦ୍ଧା ମିଳିଥିବା ତଥ୍ୟ ମୁତାବକ ଜିମ୍ବାୱେ ୧୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୬ ଓଭର ୨ଟି ବଲ୍‌ରେ ୫ ୱିକେଟ୍ ହରାଇ ୧୧୬ ରନ୍ ସଂଗ୍ରହ କରିଛି । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ଅଛନ୍ତି ।

*****